## ସଂକ୍ଷେପରେ

### ହୋଟେଲରୁ ୭୦ ହଜାର ଟଙ୍କା ଚୋରି

ଅନୁଗୋଳ ଅଫିସ, ୨୭।୮: ଅନୁଗୋଳ ଥାନା ଅମଲାପଡ଼ା ଅଞ୍ଚଳରେ ଥିବା ଏକ ହୋଟେଲରୁ ଗୁରୁବାର ରାତିରେ ଚୋରି ହୋଇଛି। ଏ ନେଇ ଅନୁଗୋଳ ଥାନାରେ ହୋଟେଲ ମାଲିକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ହୋଟେଲ ମାଲିକ ରାତି ଗୋଟାଏରେ ଘରକୁ ଯାଇଥିଲେ। କିନ୍ତୁ କ୍ୟାଶ୍ ଟେବୁଲରେ ୭୦ ହଜାର ଟଙ୍କା ଛାଡ଼ି ଯାଇଥିଲେ। କେହି ଦୁର୍ବୃତ୍ତ ତାଙ୍କ ହୋଟେଲରେ ପଶି ତାଲା ଭାଙ୍ଗିବା ସହ କ୍ୟାଶ୍ ବାକ୍ସ ତାଲା ଭାଙ୍ଗି ଟଙ୍କା ଚୋରି କରିନେଇଥିବା ତଦନ୍ତ ସମୟରେ ଜଣାପଡ଼ିଥିବା ପୋଲିସ ସୂଚନା ଦେଇଛି।

### ମହିଳାଙ୍କୁ ଆକ୍ରମଣ ଅଭିଯୋଗ



ବଅଁରପାଳ, ୨୭।୮ (ଡି.ଏନ.ଏ.): ବଅଁରପାଳ ଥାନା ଗଡସନ୍ତ୍ରୀ ପଞ୍ଚାୟତ ନଳଚନ୍ଦ୍ରପୁର ଗ୍ରାମରେ ଗୋରୁ ବାଡ଼ିରେ ପଶିଯିବା ଘଟଣାକୁ ନେଇ ଜଣେ ମହିଳା ସରୋଜିନୀ ଭୁକ୍ତାଙ୍କୁ ଗତ ୨୫ ତାରିଖରେ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ମୃତ୍ୟୁଞ୍ଜୟ ମାଝି ତାଙ୍କୁ ଆକ୍ରମଣ କରିଥିବା ସରୋଜିନୀ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୨୯୧/୨୨ରେ ମାମଲା ରୁଜୁ କରିଛି।। ହେଲେ ତିନିଦିନ ବିତି ଯାଇଥିଲେ ମଧ ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସରୋଜିନୀ ଅଭିଯୋଗ କରିଛନ୍ତି।

# ପ୍ରତିଯୋଗିତା ଭିତ୍ତିରେ ହେବ ପୂଜା

ଅନୁଗୋଳ ଅଫିସ, ୨୭।୮

- ପାର୍ବଣକୁ ନେଇ ଉତ୍ସାହିତ ଅନୁଗୋଳ ସହରବାସୀ
- ପ୍ରିନ୍ସ ଫେଷ୍ଟରେ ଆକର୍ଷଣ ସାଜିବେ ଓଲିଉଡ କଣ୍ଠଶିଳ୍ପୀ
- ଭସାଣିରେ ମନଛୁଇଁବ ଦୁଲଦୁଲି, ଝାଡ଼ଖଣ୍ଡୀ ଆଲୁଅ
- ମେଢ଼, ସାଜସଜ୍ଜାରେ ଆଗରେ ରହିବାକୁ କମିଟିଗୁଡ଼ିକର ଯୋଜନା

କିଛିଟା ଦୂର ହୋଇଛି କରୋନା କଷ୍ଟ। ପୂର୍ବପରି କଡ଼ାକଡ଼ି ନାହିଁ କଟକଣା। ତେଣୁ ଏଥର ଜମିବ ପାର୍ବଣ। ସାଜସଜ୍ଜା, ବୁଲାବୁଲି, କିଣାବିକା, ଦୋଳି, ମିନାବଜାର ଏମିତି ପୂଜାକୁ ନେଇ ବହୁ ଯୋଜନା କରିଛନ୍ତି ଅନୁଗୋଳ ସହରବାସୀ। ସେହିପରି ପୂଜା କମିଟିଗୁଡ଼ିକ ପକ୍ଷରୁ ମଧ ଜୋର୍‌ଦାର ହୋଇଛି ପ୍ରସ୍ତୁତି। ଆକର୍ଷଣୀୟ ମଣ୍ଡପ ନିର୍ମାଣ ଠାରୁ ଆଖି ଝଲସାଇଦେଲା ଭଳି ଭସାଣି, ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ନିଆଯାଇଛି ନିଷ୍ପତ୍ତି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଅନ୍ୟ ଅପେକ୍ଷା ଆଗରେ ରହିବାକୁ ମଣ୍ଡପ କର୍ମକର୍ତ୍ତାମାନେ ସ୍ଥିର କରିଥିବାରୁ ଏଥର ଅନୁଗୋଳରେ ପ୍ରତିଯୋଗିତା ଭିତ୍ତିରେ ପୂଜା ଦେଖିବାକୁ ମିଳିବ ବୋଲି ଆଲୋଚନା ହେଉଛି।

ଅନୁଗୋଳ ସହରରେ ଚଳିତବର୍ଷ ୩୦ରୁ ଅଧିକ ମଣ୍ଡପରେ ଗଜାନନଙ୍କ ପୂଜା ହେବ। ଏହାକୁ ନେଇ ସହର ଏବେଠୁ ଚଳଚଞ୍ଚଳ ହୋଇପଡ଼ିଛି। ବିଭିନ୍ନ ମଣ୍ଡପରେ ତୋରଣ ନିର୍ମାଣ ଶେଷ ପର୍ଯ୍ୟାୟରେ ରହିଥିବା ଦେଖିବାକୁ ମିଳିଛି। ଏପରି କି ପ୍ରଥମ କ୍ଲବ ଭାବେ ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ପକ୍ଷରୁ ଶନିବାର ରାତିରେ ଲାଇଟ୍ ତୋରଣର ଟେଷ୍ଟିଂ କରାଯାଇଛି। ଫଳରେ ପୂଜା ଆହୁରି ୩ ଦିନ ବାକି ଥିଲେ ବି ପାର୍ବଣର ଉତ୍ସାହ ସହରରେ ଖେଳିଯାଇଛି। ସେହିପରି ଭସାଣି ଉତ୍ସବରେ ୧୫ଟି ମେଢ଼ ସାମିଲ ହେବାକୁ ଥିବାବେଳେ ଲଟେରି ସହ କିଏ କାହା ପଛକୁ ରହିବ ତାହା ସ୍ଥିର ହୋଇସାରିଛି। ଚଳିତବର୍ଷ ଭସାଣିକୁ ଅତ୍ୟନ୍ତ ସ୍ୱତନ୍ତ୍ର କରିବାକୁ ମଣ୍ଡପଗୁଡ଼ିକ ପକ୍ଷରୁ ଯୋଜନା ହୋଇଛି। କେନ୍ଦ୍ରାପଡ଼ାର ମ୍ୟୁଜିକ୍ ବ୍ୟାଣ୍ଡ ସାଙ୍ଗକୁ ବରଗଡ଼ର ଦୁଲଦୁଲି ବାଜା, ଝାଡ଼ଖଣ୍ଡୀ ଆଲୁଅର ଯାଦୁ, ପୁରୀର ଘଣ୍ଟୁଆ ଓ ଲୋକକଳାର ଝଲକ ସହ ବିଭିନ୍ନ ଲୋକ ନୃତ୍ୟ ଭସାଣିରେ ସାମିଲ କରାଯିବ। ୪ ତାରିଖରେ ଟାଉନ୍ ହାଇସ୍କୁଲ ପଡ଼ିଆରେ ପ୍ରିନ୍ସ ଫେଷ୍ଟ ଅନୁଷ୍ଠିତ ହେବ। ଏଥିରେ ଓଲିଉଡର ତାରକା କଣ୍ଠଶିଳ୍ପୀ ଶଶାଙ୍କ ଶେଖର, ସ୍ୱୟମ୍ ପାଢ଼ୀ ଓ ନାଭ୍ୟା ଯଯାତିଙ୍କ ସହ ବ୍ୟାଣ୍ଡ ପାର୍ଟି ସେମାନଙ୍କ ଯାଦୁ ଦେଖାଇବେ। କେତେକ ମଣ୍ଡପରେ ଅନ୍ନପ୍ରସାଦ ସହ ଅନାଥ ଆଶ୍ରମରେ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଉଛି। ପୂଜାକୁ ଶାନ୍ତି ଶୃଙ୍ଖଳାର ସହ କରିବାକୁ ସେଣ୍ଟ୍ରାଲ ପୂଜା କମିଟି ପକ୍ଷରୁ ବିଭିନ୍ନ କ୍ଲବ ସହ ଆଲୋଚନା କରାଯାଇଛି।



ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ପକ୍ଷରୁ ଶନିବାର ରାତିରେ ଲାଇଟ୍ ତୋରଣର ଟେଷ୍ଟିଂ କରାଯାଉଛି।

### ଆଗରେ ରହିବାକୁ ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବର ଯୋଜନା



ପୂଜା ଆୟୋଜନରେ ସହରର ସମସ୍ତ କ୍ଲବକୁ ପଛରେ ପକାଇବାକୁ ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ପକ୍ଷରୁ ଯୋଜନା କରାଯାଇଛି। ସାଜସଜ୍ଜା ଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଯାଏ ପ୍ରତିଟି କ୍ଷେତ୍ରରେ କିଛି ନିଆରା କରିବାକୁ କ୍ଲବ ସ୍ଥିର କରିଛି। ୯ ଫୁଟର ମୂର୍ତ୍ତି ନିର୍ମାଣ ହୋଇଛି। ଭସାଣିରେ ଦୁଲଦୁଲି ବାଜା ସାଙ୍ଗକୁ ସମ୍ବଲପୁରୀ ଛାପ ଛାଡ଼ିବାର ନିଷ୍ପତ୍ତି କରାଯାଇଛି। ପ୍ରିନ୍ସ ଫେଷ୍ଟ ଚଳିତବର୍ଷର ମୁଖ୍ୟ ଆକର୍ଷଣ ହେବ। ଓଲିଉଡ଼ର ତାରକା କଣ୍ଠଶିଳ୍ପୀଙ୍କ ସହ ବ୍ୟାଣ୍ଡରେ ସହରବାସୀ ଝୁମିଉଠିବେ ବୋଲି କ୍ଲବ ପକ୍ଷରୁ ଦିବ୍ୟଜିତ୍ ଦାସ ସୂଚନା ଦେଇଛନ୍ତି।

### ମହାବିନାୟକ ୟୁଥ୍ କ୍ଲବରେ ସର୍ବୋଚ୍ଚ ମୂର୍ତ୍ତି



ଚଳିତବର୍ଷ ପୂଜାରେ ସବୁଠାରୁ ବଡ଼ ମୂର୍ତ୍ତି ନିର୍ମାଣ କରୁଛି ମହାବିନାୟକ ୟୁଥ୍ କ୍ଲବ। ଏହି ମଣ୍ଡପରେ ୧୫ ଫୁଟ ଉଚ୍ଚତାର ଠାକୁର ବସାଯିବା ସହ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ପଲିଥିନ୍ ମୁକ୍ତ ସହର ପାଇଁ ସଚେତନତା ସୃଷ୍ଟି କରାଯିବ। ଭସାଣିକୁ ମଧ ଆକର୍ଷଣୀୟ କରାଯିବ। ଝିଲ୍‌ମିଲ୍ ଲାଇଟ୍ ସହିତ ପୁରୀର ସାଂସ୍କୃତିକ ଅନୁଷ୍ଠାନକୁ ଏଥିରେ ସାମିଲ କରାଯିବ। କେନ୍ଦ୍ରାପଡ଼ାର ମ୍ୟୁଜିକ୍ ଦର୍ଶକଙ୍କ ମନ ଛୁଇଁବ ବୋଲି ମହାବିନାୟକ ୟୁଥ୍ କ୍ଲବର ଶିବାନୀ ଗୌଡ଼ ପ୍ରକାଶ କରିଛନ୍ତି।

### କ୍ଲବ ଗଣପତ୍‌ର ଝାଡ଼ଖଣ୍ଡୀ ଆଲୋକ



ଅନୁଗୋଳର କ୍ଲବ ଗଣପତ୍ ପକ୍ଷରୁ ଚଳିତବର୍ଷ ୧୩ ଫୁଟ ୩ ଇଞ୍ଚର ମୂର୍ତ୍ତି ନିର୍ମାଣ କରାଯାଇଛି। ତୋରଣ ନିର୍ମାଣ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ପୂଜା ସମୟରେ ପ୍ରତ୍ୟେକ ଦିନ ପ୍ରସାଦ ବଣ୍ଟନ ସହ ସନ୍ଧ୍ୟାରେ କ୍ଷୀର ଓ କାକରା ଭକ୍ତଙ୍କୁ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। ତେବେ ଝାଡ଼ଖଣ୍ଡରୁ ଅଣାଯାଇଥିବା ସ୍ୱତନ୍ତ୍ର ଆଲୋକ ସହରବାସୀଙ୍କୁ ଚମତ୍କୃତ କରିଦେବ। ଭସାଣିର ସ୍ୱତନ୍ତ୍ର ଆକର୍ଷଣ ସାଜିବ ବୋଲି କ୍ଲବ ପକ୍ଷରୁ ଚନ୍ଦନ କୁମାର ସାହୁ ସୂଚନା ଦେଇଛନ୍ତି।

### ଭସାଣିକୁ ଅଧିକ ଗୁରୁତ୍ୱ ଦେବ ୟୁନାଇଟେଡ୍ କ୍ଲବ



କରୋନା ପାଇଁ ଦୁଇ ବର୍ଷ ଧରି ପୂଜା ହୋଇ ନ ଥିଲା। ତେଣୁ ଚଳିତବର୍ଷ ପୂଜାକୁ ଅନୁମତି ମିଳିବା ପରେ ୟୁନାଇଟେଡ୍ କ୍ଲବ କର୍ମକର୍ତ୍ତାମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ଅନ୍ୟମାନଙ୍କଠାରୁ କ୍ଲବ କିପରି ଆଗରେ ରହିବ ସେଥିପାଇଁ କିଛି ସ୍ୱତନ୍ତ୍ର କରିବାକୁ ନିଷ୍ପତ୍ତି ନିଆଯାଇଛି। ପୂଜା ସହ ଧୁମ୍‌ଧାମରେ ଭସାଣି ଉତ୍ସବକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ମ୍ୟୁଜିକାଲ ବ୍ୟାଣ୍ଡ ସାଙ୍ଗକୁ ଲୋକନୃତ୍ୟର ବ୍ୟବସ୍ଥା ହୋଇଛି। ଘଣ୍ଟବାଦ୍ୟ, ଚିତ୍ତାକର୍ଷକ ଲାଇଟ୍‌ର ବ୍ୟବସ୍ଥା କରାଯାଇଛି ବୋଲି କ୍ଲବ ପକ୍ଷରୁ ଦେବଦତ୍ତ ପ୍ରଧାନ ସୂଚନା ଦେଇଛନ୍ତି।

### ଅନାଥାଶ୍ରମରେ ଭୋଜନ ଦେବ ମହିମା ନେହେରୁ ପୂଜା କମିଟି



ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ପୂଜା ବେଳେ ମହିମା ନେହେରୁ ପୂଜା କମିଟି ପକ୍ଷରୁ ଅନାଥାଶ୍ରମରେ ଭୋଜନ ପ୍ରଦାନ କରାଯିବ। ଅନ୍ତେବାସୀଙ୍କୁ ପୂଜା ମଣ୍ଡପ ନିକଟକୁ ଏକ ସ୍ୱତନ୍ତ୍ର ଗାଡ଼ିରେ ଅଣାଯାଇ ପ୍ରସାଦ ପ୍ରଦାନ ବ୍ୟବସ୍ଥା ହେବ। ଏହାବ୍ୟତୀତ ପ୍ରତ୍ୟେକ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯିବ। ସାଜସଜ୍ଜା ସହ ଭସାଣି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ପୁରୀ ଚନ୍ଦନପୁର ଅଞ୍ଚଳର ଘଣ୍ଟୁଆ ଦଳଙ୍କୁ ସାମିଲ କରାଯିବ। କ୍ଲବ ପକ୍ଷରୁ ଅନାଥାଶ୍ରମ ପିଲାଙ୍କୁ ଅନ୍ନ ପ୍ରଦାନ ଦିଆଯିବ ବୋଲି କ୍ଲବ ପକ୍ଷରୁ ଅନୁପ କୁମାର ସାମଲ ପ୍ରକାଶ କରିଛନ୍ତି।

# ଗ୍ରାହକଙ୍କୁ ଠକି ବ୍ୟାଙ୍କ ଏଜେଣ୍ଟ ଗିରଫ

ଅନୁଗୋଳ ଅଫିସ, ୨୭।୮

### କ୍ରେଡିଡ୍ କାର୍ଡ ନେଇ କିଣିଥିଲେ ମୋବାଇଲ୍

ଅନୁଗୋଳ ସାଇବର ପୋଲିସ ଠକେଇ ଅଭିଯୋଗରେ ଜଣେ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଏଜେଣ୍ଟଙ୍କୁ ଗରିଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ଏଜେଣ୍ଟ ଜଣକ ହେଲେ କିଆକଟା ଥାନା ବାଙ୍କପାଳ ଗ୍ରାମର ମାନସ ରଞ୍ଜନ ଭୋଇ(୨୨) ବୋଲି ସାଇବର ଥାନା ଅଧିକାରୀ ମାନସ ମହାକୁଲ ସୂଚନା ପ୍ରଦାନ କରିଛନ୍ତି। ବଅଁରପାଳ ଅଞ୍ଚଳର ଗ୍ରାହକ ଅଭିମନ୍ୟୁ ସାହୁଙ୍କ ଅଭିଯୋଗକ୍ରମେ ସାଇବର ଥାନାରେ ଗତ ୨୪ ତାରିଖରେ ନଂ. ୨୪/୨୨ରେ ମାମଲା ରୁଜୁ ହୋଇଥିଲା। ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

ଥାନା ଅଧିକାରୀ କହିଛନ୍ତି, ଅଭିମନ୍ୟୁଙ୍କର ଏକ କ୍ରେଡିଟ୍ କାର୍ଡ ରହିଛି। ତାଙ୍କ ଆକାଉଣ୍ଟରୁ ୬ ହଜାର ଟଙ୍କା କୌଣସି କାରଣରୁ କଟିଯିବାରୁ ସେ ଅନୁଗୋଳସ୍ଥିତ ବ୍ୟାଙ୍କ ମୁଖ୍ୟ ଶାଖାକୁ ଯାଇଥିଲେ। ସେଠାରେ ବସିଥିବା ଏଜେଣ୍ଟ ମାନସ ତାଙ୍କର କାର୍ଡ ଓ ମୋବାଇଲ୍ ନେଇ ଯାଞ୍ଚ କରିବା ପରେ ଟ୍ୟାକ୍ସ ସହ ଜରିମାନା ବାବଦକୁ ଟଙ୍କା କଟିଥିବା କହିଥିଲେ। ତେବେ ଅଭିମନ୍ୟୁ ସେହି ବ୍ୟାଙ୍କରେ ଥିବା ସମୟରେ ତାଙ୍କ କାର୍ଡରୁ ପୁଣି ୧୫ ହଜାର ୨୭୮ ଟଙ୍କା କଟି ଯାଇଥିଲା। କିନ୍ତୁ ଏ ନେଇ ମାନସ ତାଙ୍କୁ ସହାୟତା କରିବା ବଦଳରେ ଥାନାର ଦ୍ୱାରସ୍ଥ ହେବାକୁ ଅତି ଚତୁରତାର ସହିତ ପରାମର୍ଶ ଦେଇଥିଲେ। ଅଭିମନ୍ୟୁ ଥାନାରେ ପହଞ୍ଚି ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ମାନସ ଅଭିମନ୍ୟୁଙ୍କ କାର୍ଡ ଓ ମୋବାଇଲ ନେଇଥିବାବେଳେ ଫ୍ଲିପକାର୍ଡରୁ ଏକ ମୋବାଇଲ ଫୋନ୍ ଅର୍ଡର କରିଥିବା ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଥିଲା। ଫଳରେ ସାଇବର ପୋଲିସ ଅଭିଯୁକ୍ତ ମାନସଙ୍କୁ ତାଳଚେର ଏସ୍‌ବିଆଇ ଶାଖାରୁ ଉଠାଇ ଆଣି ପଚରା ଉଚରା କରିଥିଲା। ପରେ ତାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଡାକିବାରୁ କବାଟ କିଳିଦେଲେ ଡାକ୍ତର

ଢେଙ୍କାନାଳ ଅଫିସ, ୨୭।୮

- ପୁଣି ଚର୍ଚ୍ଚାରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ
- ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ
- ୨୦ ଘଣ୍ଟା ପରେ ବି ମିଳିଲାନି ରକ୍ତ ପରୀକ୍ଷା ରିପୋର୍ଟ
- ଇଞ୍ଜେକ୍ସନ ଦେବାର ୫ ମିନିଟ୍‌ରେ ଚାଲିଗଲା ଜୀବନ




ଯୁବକଙ୍କ ମୃତ୍ୟୁ ପରେ ଚିକିତ୍ସାଳୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

ଦୀର୍ଘ ୨୦ ଘଣ୍ଟା ପରେ ବି ମିଳିଲାନି ରକ୍ତ ନମୁନା ପରୀକ୍ଷା ରିପୋର୍ଟ। ପେଟ ଯନ୍ତ୍ରଣାରେ ଛଟପଟ ହେଉଥିବା ସାନଭାଇକୁ ଦେଖିବାକୁ ନେହୁରା ହେବା ସତ୍ତ୍ୱେ ମୋବାଇଲରେ ବ୍ୟସ୍ତ ଥିବା ଡାକ୍ତର ଶୁଣିଲେ ନାହିଁ। ଓଲଟି କବାଟ କିଳିଦେଲେ। ସକାଳୁ କି ଇଞ୍ଜେକ୍ସନ ଦେଲେ କେଜାଣି, ଟିକେ ପୂର୍ବରୁ ଶୌଚାଳୟକୁ ଯାଇଥିବା ସାନଭାଇର ଜୀବନ ମାତ୍ର ୫ ମିନିଟ୍ ଭିତରେ ଚାଲିଗଲା। ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଏଭଳି ଅଭିଯୋଗ ଆଣିଛନ୍ତି ତାଙ୍କ ବଡ଼ ଭାଇ। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଯୋଗୁ ମେଡିକାଲ କୋଠାରୁ ଡେଇଁ ୨ଜଣ ରୋଗୀ ଆତ୍ମହତ୍ୟା କରିବା ଘଟଣାର ଚର୍ଚ୍ଚା ଥମି ନ ଥିବାବେଳେ ପୁନର୍ବାର ଚିକିତ୍ସା ଅବହେଳାରୁ ରୋଗୀମୃତ୍ୟୁ ଆଲୋଡ଼ନ ସୃଷ୍ଟି କରିଛି।

ଅଭିଯୋଗ ଅନୁଯାୟୀ, ଓଡ଼ାପଡ଼ା ବ୍ଲକ ମହୀଧରପୁର ଗ୍ରାମର ପବିତ୍ର ସେଠ୍‌ଙ୍କ ସାନପୁଅ ପିଙ୍କୁନ (୨୪) ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ପେଟ ଯନ୍ତ୍ରଣା ସାଙ୍ଗକୁ ଜ୍ୱରରେ ଆକ୍ରାନ୍ତ ହୋଇ ଜିଲା ଚିକିତ୍ସାଳୟର ଭେଷଜ ବିଭାଗରେ ଭର୍ତ୍ତି ହୋଇଥିଲେ। ଶୁକ୍ରବାର ପୂର୍ବାହ୍ନରୁ ପରୀକ୍ଷା ପାଇଁ ରକ୍ତ ନମୁନା ନିଆଯାଇଥିବା ବେଳେ ଶନିବାର ଭୋର୍ ଯାଏ ଏହାର ରିପୋର୍ଟ ପ୍ରଦାନ କରାଗଲାନାହିଁ। ରାତିରେ ପିଙ୍କୁନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହୋଇପଡ଼ିଥିଲା। ପରିବାର ଲୋକେ ଦାୟିତ୍ୱରେ ଥିବା ଡାକ୍ତର ଓ କର୍ମଚାରୀଙ୍କୁ ଡାକିବାରୁ ସେମାନେ ମୋବାଇଲ୍‌ରେ ବ୍ୟସ୍ତ ଥିଲେ ବି ଆସି ନ ଥିଲେ। ବାରମ୍ବାର ଡାକିବାରୁ ବିରକ୍ତ ହୋଇ ରୁମ ବନ୍ଦ କରିଦେଇଥିଲେ। ଶନିବାର ଭୋର ସାଢେ ୫ଟାରେ ପିଙ୍କୁନ୍‌ଙ୍କ ପେଟ ଯନ୍ତ୍ରଣା ଅସହ୍ୟ ହେବାରୁ ଘର ଲୋକ ଡାକ୍ତରଙ୍କୁ ଡାକିଥିଲେ। ଡାକ୍ତର ଆସି ୩ଟି ଇଞ୍ଜେକ୍ସନ ଦେବାକୁ ଲେଖି ଦେଇଥିଲେ। ଏଥିପୂର୍ବରୁ ପିଙ୍କୁନ ୱାର୍ଡ ନିକଟ ଶୌଚାଳୟକୁ ଶୌଚ ହେବା ପାଇଁ ଯାଇଥିଲେ। ସେ ଫେରିବା ପରେ ତାଙ୍କୁ ଇଞ୍ଜେକ୍ସନ ଦିଆଯାଇଥିଲା। ତେବେ ଠିକ୍ ୫ ମିନିଟ୍ ମଧ୍ୟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଚିକିତ୍ସାରେ ଗୁରୁତ୍ୱର ତ୍ରୁଟି ଯୋଗୁ ପିଙ୍କୁନଙ୍କ ମୃତ୍ୟୁ ଘଟିଥିବା ତାଙ୍କ ବଡଭାଇ ମନୋରଞ୍ଜନ ସେଠ୍ ଏବଂ ଅନ୍ୟ ପରିବାର ସଦସ୍ୟ ଗଣମାଧ୍ୟମ ଆଗରେ କହିଛନ୍ତି। ବାରମ୍ବାର ଏଭଳି ଘଟଣା ଘଟୁଥିବାବେଳେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ଲୋକଙ୍କ ଭରସା ତୁଟିଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଯୁବକଙ୍କ ମୃତ୍ୟୁକୁ ନେଇ ଚିକିତ୍ସାଳୟରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ସଦସ୍ୟ ମୃତଦେହ ଗ୍ରାମକୁ ନେଇ ପଳାଇଥିଲେ।

ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ କୁହନ୍ତି, ସେ ଦିନତମାନ ଜିଲା ଚିକିତ୍ସାଳୟର ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ। ଏ ସଂକ୍ରାନ୍ତରେ ତାଙ୍କ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ଏଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ସିଡିଏମ୍‌ଓଙ୍କ ନିକଟରେ ସୂଚନା ନ ଥିବା ଆଲୋଚନାର ବିଷୟ ପାଲଟିଛି।

# ପଚିଗଲା ଧାନ ଫସଲ

ଆଠମଲ୍ଲିକ, ୨୭।୮ (ଡି.ଏନ.ଏ.)

### ବନ୍ୟା ପରେ ଉଜୁଡ଼ା କ୍ଷେତ ଦେଖି ଚିନ୍ତାରେ ଚାଷୀ

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକର ଅନେକ ପଞ୍ଚାୟତକୁ ସପ୍ତାହେ ଧରି ବୁଡ଼ାଇ ରଖିଥିବା ବନ୍ୟା ପାଣି ସମ୍ପୂର୍ଣ୍ଣ ଛାଡ଼ିଯାଇଛି। ତେବେ ବନ୍ୟା ପାଣିରେ ଧାନ ଫସଲ ପଚି ଯାଇଥିବାରୁ ଉଜୁଡ଼ା କ୍ଷେତ ଦେଖି ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ପ୍ରକାଶ ଯେ, ଆଠମଲ୍ଲିକ ବ୍ଲକର ୧୩ଟି ପଞ୍ଚାୟତ ମହାନଦୀର ବନ୍ୟା ପାଣିରେ ପ୍ରଭାବିତ ହୋଇଛି। ୪୭୦୦ ଏକର ଚାଷ ଜମି ପାଣି ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା କୃଷି ବିଭାଗ ତରଫରୁ ଆକଳନ କରାଯାଇଛି। ତେବେ କ୍ଷୟକ୍ଷତିର ଆକଳନ କରାଯାଇ ନ ଥିବାରୁ ପ୍ରକୃତରେ କେତେ ଜମିରେ ଫସଲ ବଞ୍ଚିବାର ଆଶା ଅଛି ଓ କେତେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ତାହା ଏଯାଏ ଜଣାପଡ଼ି ନାହିଁ। ହେଲେ ପଇଁତକୂଳ ଅଞ୍ଚଳର ଜାମୁଡୋଲୀ, ଲୁହାସିଙ୍ଗା, ଅଏଡା, ନଅଗାଁ, ଆଠମଲ୍ଲିକ ଏନଏସି ଓ ଚଉରାଶି ଅଞ୍ଚଳର ପୁରୁଣାମାଣତ୍ରୀ, କୁଦଗାଁ, ଲୁଣହାଣ୍ଡି, କମ୍ପଲା, କନ୍ଧପଡା, କିଆକଟା, ବାସୁଦେବପୁର, ମାଧପୁର ପଞ୍ଚାୟତରେ ଥିବା ଚାଷ ଜମି ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ତୁରନ୍ତ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯିବା ସହ ଚାଷୀଙ୍କୁ ବିନା ମୂଲ୍ୟରେ ମୁଗ, ବିରି, ବାଦାମ ବିହନ ଯୋଗାଇ ଦେବାକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ପୂର୍ବତନ ସମିତି ସଭ୍ୟ ବିଜୟାନନ୍ଦ ପ୍ରଧାନ, ସାମାଜିକ କର୍ମୀ ବିନୟ କୁମାର ପଟ୍ଟନାୟକ ଦାବି କରିଛନ୍ତି।



ବନ୍ୟା ପାଣି ଯୋଗୁ ଧାନ ଫସଲ ନଷ୍ଟ ହୋଇଯାଇଛି।

# ପରିଶ୍ରମୀ, ନିଷ୍ଠାବାନ ହେବାକୁ ପରାମର୍ଶ

ଅନୁଗୋଳ ଅଫିସ, ୨୭।୮

### ଛାତ୍ର ସଂସଦ ପଦବୀ ପ୍ରଦାନ ସମାରୋହ

ଅନୁଗୋଳସ୍ଥିତ ଓପି ଜିନ୍ଦଲ ସ୍କୁଲ ପରିସରରେ ଛାତ୍ର ସଂସଦ ପକ୍ଷରୁ ଦୁଇ ଦିନିଆ ପଦବୀ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ବ୍ୟାଜ ଓ ବ୍ୟାଣ୍ଡ ଦିଆଯାଇ ସମ୍ମାନିତ କରାଯାଇଥିଲା। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ଛାତ୍ର ସଂସଦ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିବା ସହ ଜୀବନର ପ୍ରତିଟି କ୍ଷେତ୍ରରେ ପରିଶ୍ରମୀ, ନିଷ୍ଠାବାନ ଓ ସଚ୍ଚୋଟ ହେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଥମ ଦିବସରେ ଶିକ୍ଷାବିତ୍ ଶାନ୍ତନୁ କୁମାର ସର ଯୋଗଦେଇ ଛାତ୍ର ସଂସଦର ନୂତନ କର୍ମକର୍ତ୍ତାଙ୍କୁ ନୀତି, ନିଷ୍ଠା ଓ ସାଧୁତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ଅତନୁ ରଥ ଛାତ୍ର ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏସ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ତଥା ଶିକ୍ଷାବିତ୍ ଧରଣୀଧର ନାଥ ଦ୍ୱିତୀୟ ଦିବସରେ ଯୋଗଦେଇ ଛାତ୍ର ପ୍ରତିନିଧିମାନଙ୍କ ମାର୍ଗଦର୍ଶନ କରିଥିଲେ। ଜିନ୍ଦଲ ମହିଳା ସମିତି ସଭାନେତ୍ରୀ ଅନିତା ମିତ୍ତଲ ଉପସ୍ଥିତ ଥିଲେ। ରମଣରାଜ ଶ୍ରୀବାସ୍ତବ ଏବଂ ପି. ଅନ୍ୱେଷା କିରଣ ସିନିୟର ସେକେଣ୍ଡାରି ବିଭାଗର ହେଡ୍ ବୟ ଓ ହେଡ୍ ଗାର୍ଲ ଭାବେ ନିର୍ବାଚିତ ହୋଇଥିବାବେଳେ ରିୟାଂଶ ବଶିଷ୍ଠ ଓ ସୁକୀର୍ତ୍ତି ପ୍ରଜ୍ଞା ନାୟକ ପ୍ରାଥମିକ ବିଭାଗରେ ହେଡ୍ ବୟ ଓ ହେଡ୍ ଗାର୍ଲ ଭାବେ ନିର୍ବାଚିତ ହୋଇଛନ୍ତି। ସମସ୍ତ ଛାତ୍ରପ୍ରତିନିଧି ବିଶ୍ୱସ୍ତ ରୂପେ କାର୍ଯ୍ୟ ନିର୍ବାହ କରିବାକୁ ଶପଥ ନେଇଥିଲେ। ଏହି ସମାରୋହରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀଙ୍କ ସହ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ।




ଅତିଥିମାନଙ୍କ ସହ ନବ ନିର୍ବାଚିତ ଛାତ୍ର ସଂସଦ ପ୍ରତିନିଧିମାନେ ।

